**THE ORISSA GAZETTE: EXTRAORDINARY**
**PUBLISHED BY AUTHORITY**
**No.742 CUTTACK, TUESDAY, MAY 30, 2006/JAISTHA 9, 1928**
**INFORMATION & PUBLIC RELATIONS DEPARTMENT**

---

## ବିଜ୍ଞପ୍ତି, ୨୯ ମଇ ୨୦୦୬

**S.R.O. No. 251/2006-** ସୂଚନା ଅଧିକାର ଆଇନ୍, ୨୦୦୫ (୨୦୦୫ର ଦ୍ୱାବିଂଶ ଆଇନ୍) ର ଧାରା ୨୭ ବଳରେ ପ୍ରଦତ୍ତ କ୍ଷମତା ପ୍ରୟୋଗାର୍ଥେ ରାଜ୍ୟ ସରକାର ଓଡିଶା ସୂଚନା ଅଧିକାର ନିୟମାବଳୀ, ୨୦୦୫ର ସଂଶୋଧନ କରିବାପାଇଁ ଏତଦ୍ୱାରା ନିମ୍ନୋକ୍ତ ନିୟମାବଳୀ ପ୍ରଣୟନ କରୁଛନ୍ତି, ଯଥା-

୧. ସଂକ୍ଷିପ୍ତ ଶିରାନାମା ଏବଂ ପ୍ରାରମ୍ଭ-

(୧) ଏହି ନିୟମାବଳୀକୁ ଓଡିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ, ୨୦୦୬ ବୋଲି କୁହାଯିବ।

(୨) ଏହା ଓଡିଶା ଗେଜେଟ୍‌ରେ ପ୍ରକାଶ ପାଇବା ତାରିଖରୁ ହିଁ ବଳବତ୍ତର ରହିବ।

୨. ଓଡିଶା ସୂଚନା ଅଧିକାର ନିୟମାବଳୀ, ୨୦୦୫ରେ ଥିବା ନିୟମ -୧୧ ବଦଳରେ ନିମ୍ନୋକ୍ତ ନିୟମଟି ସ୍ଥାନିତ ହେବ, ଯଥା-

"୧୧. ରେଜିଷ୍ଟରର ରକ୍ଷଣାବେକ୍ଷଣ-

(୧) ପ୍ରାପ୍ତ ଦରଖାସ୍ତ ଏବଂ ପ୍ରଦତ୍ତ ସୂଚନାର ବିଶଦ୍ ବିବରଣୀକୁ ଲିପିବଦ୍ଧ କରି ରଖିବାପାଇଁ ଜନସୂଚନା ଅଧିକାରୀ ଫର୍ମ- ଚ (ଏଫ୍) ଅନୁଯାୟୀ ଏକ ରେଜିଷ୍ଟର ରଖିବେ, ଏବଂ ନିଜେ କୌଣସି ଏକ ସୂଚନା ପ୍ରଦାନ କଲାପରେ କାର୍ଯ୍ୟାଳୟର ମୁଖ୍ୟଙ୍କୁ ଏ ବିଷୟରେ ଜଣାଇବେ, ଏବଂ ସୂଚନା ପ୍ରଦାନ କାର୍ଯ୍ୟକୁ ସୁଗମ କରିବା ପାଇଁ ଜନସୂଚନା ଅଧିକାରୀ ଚାହିଁବା ମାତ୍ରେ ତାଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା ହେଉଛି କାର୍ଯ୍ୟାଳୟ ମୁଖ୍ୟଙ୍କ କର୍ତ୍ତବ୍ୟ, ଏବଂ ଆଇନ୍‌ର ଧାରା ୪(୧ବି)ରେ ସ୍ୱଂୟ-ଚାଳିତ ଅଗ୍ରୀମ ସୂଚନା-ପ୍ରକାଶନର ପ୍ରୟୋଜନାର୍ଥେ ଏହି ରେଜିଷ୍ଟର ସର୍ବସାଧାରଣଙ୍କ ନିରୀକ୍ଷଣ (ଇନ୍‌ସ୍ପେକ୍‌ସନ୍ ) ପାଇଁ ଉନ୍ମୁକ୍ତ ରହିବ।"

(୨) ପ୍ରତି ଜନ କର୍ତ୍ତୃପକ୍ଷ ତାଙ୍କ କାର୍ଯ୍ୟାଳୟକୁ ଆଇନ୍‌ର ଧାରା ୪ ଅଧୀନରେ ସେ ଅଗ୍ରୀମ ପ୍ରକାଶନ କରିଥିବା ସ୍ୱୟଂ-ପ୍ରକଟନୀୟ ସୂଚନାକୁ ହାସଲ କରିବା ବା ନିରୀକ୍ଷଣ କରିବା ପାଇଁ ଆସୁଥିବା ସର୍ବସାଧାରଣ ଆଗନ୍ତୁକମାନଙ୍କ ସମ୍ବନ୍ଧରେ ଟିପ୍‌ପଣୀ ଲିପିବଦ୍ଧ କରି ରଖିବା ପାଇଁ ଏକ ରେଜିଷ୍ଟର ରକ୍ଷଣାବେକ୍ଷଣ କରିବେ।

(୩) ଜନସୂଚନା ଅଧିକାରୀ ଫର୍ମ- ଛ (ଜି) ଅନୁଯାୟୀ ଏକ ରେଜିଷ୍ଟର ରଖିବେ, ଯେଉଁଥିରେ ସୂଚନା ପ୍ରଦାନ ବାବଦ ତାଙ୍କୁ ମିଳୁଥିବା ଅର୍ଥରାଶିର ବିଶଦ୍ ବିବରଣୀ ଲିପିବଦ୍ଧ ହୋଇ ରହିବ, ଏବଂ ସେହି ଅର୍ଥରାଶିକୁ ଏପରି ଏକ ହିସାବ ଶିରୋନାମା (ହେଡ୍ ଅଫ୍ ଆକାଉଣ୍ଟ) ରେ ଦାଖଲ କରିବେ ବା ଏପରି ଜଣେ ଅଫିସର୍‌ଙ୍କ ନାମରେ ଏକ ଅନୁସୂଚିତ ବ୍ୟାଙ୍କ୍‌ରେ ଦାଖଲ କରିବେ, ଯାହାକି ସଂପୃକ୍ତ କାର୍ଯ୍ୟାଳୟ ମୁଖ୍ୟଙ୍କ ଦ୍ୱାରା ଠିକ୍ କରାଯାଇଥିବ।

୩. ସୂଚିତ ନିୟମାବଳୀରେ ଥିବା ଫର୍ମ-କ (ଏ) ରେ,

(୧) ୫ ନମ୍ବର ବିନ୍ଦୁରେ ସ୍ଥାନିତ ହୋଇଥିବା ବିଷୟବସ୍ତୁର ପ୍ରତିବଦଳରେ ନିମ୍ନୋକ୍ତ ବିଷୟବସ୍ତୁ ସ୍ଥାନିତ ହେବ, ଯଥା-

"(ଡି) ଆବଶ୍ୟକୀୟ ସୂଚନାକୁ କେଉଁ ମାଧ୍ୟମରେ, ଡାକ/ବ୍ୟକ୍ତିଗତ/ଇମେଲ୍ ରେ ପାଇବାକୁ ଚାହୁଁଛନ୍ତି,
(ସୂଚନା ପ୍ରଦାନ ବାବଦ ଦେୟ ମଧ୍ୟରେ ପ୍ରକୃତ ଡାକଖର୍ଚ୍ଚ ଅନ୍ତର୍ଭୁକ୍ତ ହେବ।)" ; ଏବଂ

(୨) ୬ନମ୍ବର ବିନ୍ଦୁ ଏବଂ ଏଥିରେ ସନ୍ନିବିଷ୍ଟ ହୋଇଥିବା ବିଷୟବସ୍ତୁ ବଦଳରେ ନିମ୍ନୋକ୍ତ ବିଷୟବସ୍ତୁ ସ୍ଥାନିତ ହେବ, ଯଥା-

"୬. ଠିକଣା/ଇମେଲ୍ ପରିଚୟ, ଯେଉଁଠାକୁ ସୂଚନା ପଠାଯିବ ଏବଂ କେଉଁ ମାଧ୍ୟମରେ ପଠାଯିବ।"

୪. ସୂଚିତ ନିୟମାବଳୀରେ, ବର୍ତ୍ତମାନ ବଳବତ୍ତର ଥିବା ସାରଣୀ ସ୍ଥାନରେ ନିମ୍ନୋକ୍ତ ସାରଣୀଟି ପ୍ରଯୁଜ୍ୟ ହେବ, ଯଥା-

## ସାରଣୀ
## ( ନିୟମ ୪ ଓ ୭ ଦ୍ରଷ୍ଟବ୍ୟ )
## ସୂଚନା ପ୍ରଦାନ ବାବଦ ଦେୟ ଫିସ୍/ଅର୍ଥରାଶି

ଭାଗ-୧

| (କ) ଆବେଦନ ଫିସ୍ | ଦେୟ ଅର୍ଥରାଶି | ଦାଖଲ ପଦ୍ଧତି |
|---|---|---|
| (୧) ସୂଚନା ପାଇବାକୁ ଦରଖାସ୍ତ ଫିସ୍ | ଦରଖାସ୍ତ ପିଛା ଦଶ ଟଙ୍କା | ଟ୍ରେଜେରୀ ଚାଲାଣ/ନଗଦ ଅର୍ଥ |
| (୨) ପ୍ରଥମ ଅପିଲ୍ ପାଇଁ ଦରଖାସ୍ତ ଫିସ୍ | କୋଡ଼ିଏ ଟଙ୍କା | କୋର୍ଟ ଫି ଷ୍ଟାମ୍ପ |
| (୨) ଦ୍ୱିତୀୟ ଅପିଲ୍ ପାଇଁ ଦରଖାସ୍ତ ଫିସ୍ | ପଚିଶ ଟଙ୍କା | କୋର୍ଟ ଫି ଷ୍ଟାମ୍ପ |

ଭାଗ-୨

| (ଖ) ସୂଚନା ପ୍ରଦାନ ବାବଦ ଫିସ୍- | | |
|---|---|---|
| (୧) ଏ୪ ବା ଏ୩ ସାଇଜ୍ କାଗଜରେ ପ୍ରସ୍ତୁତ କିମ୍ବା ନକଲୀକୃତ | ପ୍ରତି ପୃଷ୍ଠା ପାଇଁ ୨ଟଙ୍କା | ନଗଦ ଅର୍ଥ |
| (୨) ଏ୪ ବା ଏ୩ ଠାରୁ ବୃହତ୍ତର କାଗଜ | ନକଲର ପ୍ରକୃତ ଦେୟ ବା କିଣା ମୂଲ୍ୟ | ନଗଦ ଅର୍ଥ |
| (୩) ରେକର୍ଡ ଗୁଡ଼ିକର ନିରୀକ୍ଷଣ ( ଇନ୍‌ସ୍ପେକ୍‌ସନ୍ ) | ୧ମ ଘଣ୍ଟା ପାଇଁ କିଛି ଫିସ୍ ନାହିଁ, ପରବର୍ତ୍ତୀ ପ୍ରତି ୧୫ମିନିଟ୍ ବା ଅଂଶବିଶେଷ ପାଇଁ ୫ଟଙ୍କା | ନଗଦ ଅର୍ଥ |
| (୪) ଖୋଳସହ ସି.ଡି. | ପ୍ରତି ସି.ଡି. ପାଇଁ ୫୦ ଟଙ୍କା | ନଗଦ ଅର୍ଥ |
| (୫) ଫ୍ଲପି ଡିସ୍କ (୧.୪୪ ଏମ୍.ବି.) | ପ୍ରତି ଫ୍ଲପି ପାଇଁ ୫୦ଟଙ୍କା | ନଗଦ ଅର୍ଥ |
| (୬) ମାନଚିତ୍ର ଓ ନକ୍ସା | ଶ୍ରମ ଓ ସରଞ୍ଜାମର ଖର୍ଚ୍ଚ ସହିତ ବ୍ୟବହୃତ ଯନ୍ତ୍ରପାତି ଓ ଆନୁଷଙ୍ଗିକ ଖର୍ଚ୍ଚ, ଭିତ୍ତିରେ ଜନସୂଚନା ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ | ନଗଦ ଅର୍ଥ |
| (୭) ଭିଡିଓ କ୍ୟାସେଟ୍, ମାଇକ୍ରୋଫିଲ୍ମ, ମାଇକ୍ରୋଫିସ୍ | - do- | ନଗଦ ଅର୍ଥ |
| (୮) ପ୍ରମାଣୀକୃତ ବସ୍ତୁରୂପ ନମୁନା ବା ମଡେଲ୍ | ନମୁନା ବା ମଡେଲ୍‌ର ପ୍ରକୃତ ଖର୍ଚ୍ଚ ବା ମୂଲ୍ୟ | ନଗଦ ଅର୍ଥ |
| (୯) ମୁଦ୍ରିତ ରୂପରେ ଥିବା ସୂଚନା | ଏତାଦୃଶ ପ୍ରକାଶନ ପାଇଁ ପ୍ରାକ୍-ନିର୍ଦ୍ଦିଷ୍ଟ ମୂଲ୍ୟ | ନଗଦ ଅର୍ଥ |

**ବି.ଦ୍ର. ପ୍ରତିଥର ନଗଦ ଅର୍ଥ-ପଇଠ ପାଇଁ ଯଥାବିଧି ଏବଂ ଅନୁପ୍ରମାଣିତ ଅର୍ଥ-ରସିଦ ଦେବାକୁ ପଡିବ । ଦରଖାସ୍ତ ଫର୍ମ 'ଏ' ଉପରେ ସଂପୃକ୍ତ କାର୍ଯ୍ୟାଳୟ ଦ୍ୱାରା ଅର୍ଥ-ରସିଦ ନମ୍ବର ଉଲ୍ଲେଖ କରାଯିବ ।**

**ଉଲ୍ଲେଖନୀୟ ଯେ, ମୁଖ୍ୟ ନିୟମାବଳୀ ଓଡିଶା ଗେଜେଟ୍‌ରେ ପ୍ରକାଶିତ ହୋଇଥିଲା, ଦ୍ରଷ୍ଟବ୍ୟ- ସୂଚନା ଓ ଲୋକସଂପର୍କ ବିଭାଗ ବିଜ୍ଞପ୍ତି ସଂଖ୍ୟା-୨୭୧୬୩, ଦିନାଙ୍କ ୧ ଅକ୍ଟୋବର ୨୦୦୫ (ଏସ୍.ଆର୍.ଓ. ନଂ. ୪୭୭/୨୦୦୫, ଦିନାଙ୍କ ୧ ଅକ୍ଟୋବର ୨୦୦୫)**

**ସଂଖ୍ୟା- ୧୬୦୭୬**
**ରାଜ୍ୟପାଳଙ୍କ ଆଦେଶମତେ**

**ଡି.ମହାନ୍ତି**
**ସରକାରଙ୍କ କମିଶନର୍-ସଚିବ**